# NATIONAL NEWS BULLETIN (ODIA)

## 22 May - 2024

## Morning Bulletin : 7.15 A.M.

*********************************

## ମୁଖ୍ୟ ସମ୍ବାଦ

- ଇସଲାମିକ୍ ରିପବ୍ଲିକ୍ ଅଫ୍ ଇରାନ୍‌କୁ ଆଜି ଗସ୍ତ କରିବେ ଉପରାଷ୍ଟ୍ରପତି ଜଗଦୀପ ଧନଖଡ଼ ।
- ବରିଷ୍ଠ ବିଜେପି ନେତା ତଥା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ତି, ମହିଳାଙ୍କ ଉନ୍ନତି କ୍ଷେତ୍ରରେ ଏନ୍.ଡି.ଏ. ସରକାର ପ୍ରୟାସ ଜାରି ରଖିବା ସହ ପ୍ରଦାନ କରିଛି ସଂରକ୍ଷଣର ସୁବିଧା ।
- ରାମେଶ୍ୱରମ୍ କାଫେ ବିସ୍ଫୋରଣ ମାମଲାରେ ଏନ୍.ଆଇ.ଏ. ପକ୍ଷରୁ ଚାରୋଟି ରାଜ୍ୟର ଏକାଧିକ ସ୍ଥାନରେ ଚଢ଼ାଉ ।
- ୟୁକ୍ରେନ୍ ସୀମା ନିକଟରେ ପରମାଣୁ ଶକ୍ତି ସମ୍ପନ୍ନ ଅସ୍ତ୍ରଶସ୍ତ୍ରକୁ ନେଇ ପ୍ରଥମ ପର୍ଯ୍ୟାୟ ଯୁଦ୍ଧାଭ୍ୟାସ ଆରମ୍ଭ କଲା ରୁଷ ।

ଏବଂ

- ଚଳିତ ଆଇପିଏଲ୍ ସିଜିନ୍‌ର ଫାଇନାଲ୍ ପର୍ଯ୍ୟାୟକୁ ପ୍ରଥମ ଦଳ ଭାବେ ଉନ୍ନିତ ହେଲା କୋଲକାତା ନାଇଟ୍‌ରାଇଡର୍ସ୍ ।

## ଭିପି-ଇରାନ୍

ଉପରାଷ୍ଟ୍ରପତି ଜଗଦୀପ ଧନଖଡ଼ ଆଜି ଇସଲାମିକ୍ ରିପବ୍ଲିକ୍ ଅଫ୍ ଇରାନ୍ ଗସ୍ତରେ ଯିବେ । ଗତ ୧୯ ତାରିଖରେ ହେଲିକପ୍ଟର ଦୁର୍ଘଟଣାରେ ପ୍ରାଣ ହରାଇଥିବା ଇରାନ୍ ରାଷ୍ଟ୍ରପତି ଡକ୍ଟର ସୟଦ୍ ଇବ୍ରାହିମ୍ ରାଇସି, ବୈଦେଶିକ ମନ୍ତ୍ରୀ ଡକ୍ଟର ହୁସେନ ଅମୀର୍ ଅବ୍‌ଦୋଲିଆନି ଏବଂ ଅନ୍ୟ ଅଧିକାରୀଙ୍କ ଦୁଃଖଦ ବିୟୋଗରେ ସମବେଦନା ଜ୍ଞାପନ କରିବା ପାଇଁ ସେ ଏହି ଗସ୍ତରେ ଯାଉଛନ୍ତି ।

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏହି ଦୁଃଖଦ ସମୟରେ ଇରାନ୍ ସରକାର ଏବଂ ସେଠାକାର ଜନସାଧାରଣଙ୍କୁ ସମବେଦନା ଜଣାଇଛନ୍ତି । ବୈଦେଶିକ ବ୍ୟାପାର ମନ୍ତ୍ରୀ ଡକ୍ଟର ଏସ୍. ଜୟଶଙ୍କର ଗତକାଲି ନୂଆଦିଲ୍ଲୀ ସ୍ଥିତ ଇରାନ୍ ଦୂତାବାସ ପରିଦର୍ଶନ କରି ଭାରତ ପକ୍ଷରୁ ସମବେଦନା ଜ୍ଞାପନ କରିଛନ୍ତି ।

## ପିଏମ୍-ୟୁପି

ବରିଷ୍ଠ ବିଜେପି ନେତା ତଥା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ତି, ଇଣ୍ଡି ମେଣ୍ଟ ମହିଳାଙ୍କୁ ସଂରକ୍ଷଣ ଦିଆଯିବା ନିଷ୍ପତ୍ତିର ବିରୋଧ କରୁଥିଲା । ବାରାଣାସୀ ସ୍ଥିତ ସମ୍ପୂର୍ଣ୍ଣାନନ୍ଦ ସଂସ୍କୃତ ବିଶ୍ୱବିଦ୍ୟାଳୟ ଠାରେ  ମାତୃଶକ୍ତି ସମ୍ମିଳନୀରେ ଯୋଗ ଦେଇ ପ୍ରଧାନମନ୍ତ୍ରୀ ଏହା କହିଛନ୍ତି । ସେ କହିଛନ୍ତି,

ଉତ୍ତର ପ୍ରଦେଶରେ ସମାଜବାଦୀ ପାର୍ଟି ଏବଂ କଂଗ୍ରେସ ଶାସନ ଅମଳରେ ମହିଳା ସୁରକ୍ଷିତ ନ ଥିଲେ । ବିଗତ ୬୦ ବର୍ଷ ଧରି ମହିଳାଙ୍କ ଉନ୍ନତି ପାଇଁ କେବେ କୌଣସି ପ୍ରୟାସ କରାଯାଇ ନାହିଁ । କିନ୍ତୁ ଏନ୍.ଡି.ଏ. ସରକାର ଏ ଦିଗରେ ନିଜର ପ୍ରୟାସ ଜାରି ରଖିଛି ଏବଂ ମହିଳାଙ୍କୁ ସଂରକ୍ଷଣର ସୁବିଧା ପ୍ରଦାନ କରିଛି । ଏହି ସମ୍ମିଳନୀରେ ଗୃହିଣୀ, ଡାକ୍ତର, ଶିକ୍ଷକ, ବ୍ୟବସାୟୀ, ଆଇନ୍‌ଜୀବୀ ଏବଂ କ୍ରୀଡ଼ା କ୍ଷେତ୍ର ଆଦି ବିଭିନ୍ନ ବର୍ଗର ମହିଳା ଅଂଶଗ୍ରହଣ କରିଥିଲେ ।

ପୂର୍ବରୁ ପ୍ରୟାଗରାଜ ଠାରେ ଏକ ନିର୍ବାଚନ ର୍ୟାଲିକୁ ସମ୍ବୋଧନ କରି ପ୍ରଧାନମନ୍ତ୍ରୀ କହିଛନ୍ତି, ବିଜେପି ପୂର୍ବରୁ ଅନ୍ୟ ଦଳ ଗୁଡ଼ିକର ସରକାରଙ୍କ ଅମଳରେ ରାଜ୍ୟରେ ମାଫିଆରାଜ ବହୁ ପରିମାଣରେ ବୃଦ୍ଧି ପାଇଥିଲା । ବିଜେପି ସରକାରଙ୍କ ଅମଳରେ ଏହା ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି । ବାରାଣାସୀ ଠାରେ ପ୍ରଧାନମନ୍ତ୍ରୀ ଗତକାଲି ରାତ୍ରି ଯାପନ କରିଛନ୍ତି । ଆଜି ଉତ୍ତରପ୍ରଦେଶର ଅନ୍ୟ ଦୁଇଟି ସ୍ଥାନରେ ନିର୍ବାଚନୀ ର୍ୟାଲିକୁ ସମ୍ବୋଧନ କରିବାର କାର୍ଯ୍ୟସୂଚୀ ରହିଛି ।

ସମାଜବାଦୀ ପାର୍ଟି ମୁଖ୍ୟ ଅଖିଳେଶ ଯାଦବ ଗତକାଲି ଭଦୋହି ଠାରେ ତୃଣମୂଳ କଂଗ୍ରେସ ପ୍ରାର୍ଥୀଙ୍କ ସପକ୍ଷରେ ପ୍ରଚାର କରିଥିଲେ । ସେ କହିଛନ୍ତି, ବିଜେପି ଚଳିତ ଲୋକସଭା ନିର୍ବାଚନରେ ୧୪୦ଟି ସିଟ୍ ମଧ୍ୟ ଜିତି ପାରିବ ନାହିଁ ।

## ପିଏମ୍-ଇଣ୍ଟରଭ୍ୟୁ

ବରିଷ୍ଠ ବିଜେପି ନେତା ତଥା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ତି, କାଶ୍ମୀରରେ ଅଧିକ ମତଦାତାଙ୍କ ଅଂଶଗ୍ରହଣ ଭାରତୀୟ ଗଣତନ୍ତ୍ର ପ୍ରତି ଏକ ଶୁଭ ସୂଚନା । ଏକ ଘରୋଇ ନ୍ୟୁଜ୍ ଚ୍ୟାନେଲ୍‌କୁ ସାକ୍ଷାତକାର ଦେଇ ଶ୍ରୀ ମୋଦୀ କହିଛନ୍ତି, କାଶ୍ମୀରରେ ଚଳିତଥରର ମତଦାନ ଗତ ୩୦ରୁ ୪୦ ବର୍ଷ ମଧ୍ୟରେ ହେଉଥିବା ମତଦାନର ସମସ୍ତ ରେକର୍ଡକୁ ଟପି ଯାଇଛି । ମୁଦ୍ରାସ୍ଫିତି ପ୍ରସଙ୍ଗରେ  ସେ କହିଛନ୍ତି, ଅନ୍ୟ ଦେଶ ଗୁଡ଼ିକ ତୁଳନାରେ ଭାରତରେ ମୁଦ୍ରାସ୍ଫିତି ନିୟନ୍ତ୍ରଣରେ ରହିଛି । ରୁଷ ଏବଂ ୟୁକ୍ରେନ୍ ମଧ୍ୟରେ ଚାଲିଥିବା ଯୁଦ୍ଧର ସିଧାସଳଖ ପ୍ରଭାବ ଖାଦ୍ୟ, ଇନ୍ଧନ ଏବଂ ସାର ଉପରେ ପଡୁଛି । ସେ କହିଛନ୍ତି, ଅନ୍ୟ ଦେଶର କୃଷକଙ୍କୁ ବସ୍ତା ପିଛା ୩ ହଜାର ଟଙ୍କା ଦରରେ ୟୁରିଆ ମିଳୁଥିବା ବେଳେ ଭାରତର ଚାଷୀଙ୍କୁ ଏଥିପାଇଁ ମାତ୍ର ୩୦୦ ଟଙ୍କା ଦେବାକୁ ପଡୁଛି ।

## ଦିଲ୍ଲୀ-କ୍ୟାମ୍ପେନିଂ

ରାଜଧାନୀ ଦିଲ୍ଲୀରେ ନିର୍ବାଚନ ପ୍ରଚାର ଜୋର୍ ଧରିଛି । ଆସନ୍ତାକାଲି ସନ୍ଧ୍ୟାରେ ନିର୍ବାଚନ ପ୍ରଚାର ଶେଷ ହେବାକୁ ଯାଉଥିବାରୁ ବିଭିନ୍ନ ରାଜନୈତିକ ଦଳର ନେତୃବୃନ୍ଦ ଦଳୀୟ ପ୍ରାର୍ଥୀଙ୍କ ସପକ୍ଷରେ ପ୍ରଚାର ଅଧିକ ତ୍ୱରାନ୍ୱିତ

କରିଛନ୍ତି । ବରିଷ୍ଠ ବିଜେପି ନେତା ତଥା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ, କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖଡ଼ଗେ ଆଜି ଦିଲ୍ଲୀରେ ବିଭିନ୍ନ ନିର୍ବାଚନୀ ସଭାକୁ ସମ୍ବୋଧନ କରିବେ । ଦିଲ୍ଲୀର ୭ଟି ଲୋକସଭା ଆସନ ପାଇଁ ଆସନ୍ତା ଶନିବାର ଦିନ ମତଗ୍ରହଣ କରାଯିବ ।

## ଅମିତ ଶାହା

ବରିଷ୍ଠ ବିଜେପି ନେତା ତଥା ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା ଆଜି ପଶ୍ଚିମବଙ୍ଗରେ ଦଳୀୟ ପ୍ରାର୍ଥୀଙ୍କ ସପକ୍ଷରେ ପ୍ରଚାର କରିବେ । ଘଟାଲ୍, ପୁରୁଲିଆ ଏବଂ ବାଙ୍କୁରା ଠାରେ ଦଳୀୟ ପ୍ରାର୍ଥୀଙ୍କ ସପକ୍ଷରେ ନିର୍ବାଚନୀ ର୍ୟାଲିକୁ ସମ୍ବୋଧନ କରିବାର କାର୍ଯ୍ୟସୂଚୀ ରହିଛି । ବିଜେପି ରାଷ୍ଟ୍ରୀୟ ଅଧ୍ୟକ୍ଷ ଜେ.ପି. ନଡ୍ଡା ମଧ୍ୟ ଆଜି କୋଲକାତା ଉତ୍ତର ଏବଂ କୋଲକାତା ଦକ୍ଷିଣ ଲୋକସଭା ସଂସଦୀୟ ମଣ୍ଡଳୀ ଅଧୀନସ୍ଥ କେତେକ ସ୍ଥାନରେ ଦଳୀୟ ପ୍ରାର୍ଥୀଙ୍କ ସପକ୍ଷରେ ପ୍ରଚାରରେ ଅଂଶଗ୍ରହଣ କରିବେ । ପରେ ଏକ ରୋଡ୍ ଶୋ’ରେ ଯୋଗଦେବାର କାର୍ଯ୍ୟସୂଚୀ ରହିଛି ।

# ଜୟଶଙ୍କର-ବିମ୍‌ଷ୍ଟେକ୍

ବୈଦେଶିକ ବ୍ୟାପାର ମନ୍ତ୍ରୀ ଡକ୍ଟର ଏସ୍. ଜୟଶଙ୍କର ବିଭିନ୍ନ କ୍ଷେତ୍ରରେ ବୈଷୟିକ ଏବଂ ଅର୍ଥନୈତିକ ସହଯୋଗ ପାଇଁ ବିମ୍‌ଷ୍ଟେକ୍ ଚାର୍ଟର୍‌ର ପ୍ରୟାସକୁ ପ୍ରଶଂସା କରିଛନ୍ତି । ସାମାଜିକ ଗଣମାଧ୍ୟମରେ ପୋଷ୍ଟ କରି ଡକ୍ଟର ଜୟଶଙ୍କର କହିଛନ୍ତି, ଏଭଳି ପଦକ୍ଷେପ ସମୃଦ୍ଧ ଶାନ୍ତିପୂର୍ଣ୍ଣ ଏବଂ ସ୍ଥାୟୀ ପଡ଼ୋଶୀ ରାଷ୍ଟ୍ର ସଂକ୍ରାନ୍ତ ଭାରତର ପ୍ରତିବଦ୍ଧତାକୁ ଦୋହରାଇଛି । ବିମ୍‌ଷ୍ଟେକ୍ ଭାରତର ପଡ଼ୋଶୀ ପ୍ରଥମ ଏବଂ ଆକ୍ଟ ଇଷ୍ଟ ନୀତିର ମିଶ୍ରଣକୁ ପ୍ରତିଫଳିତ କରୁଛି ।

ଅନ୍ୟ ଏକ ପୋଷ୍ଟରେ ବୈଦେଶିକ ବ୍ୟାପାର ମୁଖପାତ୍ର ରଣଧୀର ଜୟଶ୍ୱାଲ୍ କହିଛନ୍ତି, ବିମ୍‌ଷ୍ଟେକ୍ ଚାର୍ଟର୍ ଗତକାଲିଠାରୁ କାର୍ଯ୍ୟକାରୀ ହୋଇଛି । ଏହା ଅନ୍ୟ ଆଗ୍ରହୀ ଦେଶ ଏବଂ ସଂଗଠନ ସହ ଭାଗିଦାରିତା ବୃଦ୍ଧି କରିବା ତଥା ନୂତନ ସଦସ୍ୟଙ୍କୁ ଗ୍ରହଣ କରିବାରେ ସହାୟକ ହେବ । ସେ ଆହୁରି କହିଛନ୍ତି, ଅର୍ଥପୂର୍ଣ୍ଣ ସହଯୋଗ ଏବଂ ବଙ୍ଗୋପସାଗର ଅଞ୍ଚଳରେ ସମନ୍ୱୟ ରକ୍ଷା କ୍ଷେତ୍ରରେ ଏହା ବିଶେଷ ସହାୟକ ହେବ ।

# ଏନ୍‌ଆଇଏ

ଜାତୀୟ ତଦନ୍ତକାରୀ ସଂସ୍ଥା – ଏନ୍.ଆଇ.ଏ. ରାମେଶ୍ୱରମ୍ କାଫେ ବିସ୍ଫୋରଣ ମାମଲାରେ ଗତକାଲି ଚାରୋଟି ରାଜ୍ୟର ଏକାଧିକ ସ୍ଥାନରେ

ଚଢ଼ାଉ କରିଛି । କର୍ଣ୍ଣାଟକ, ତାମିଲନାଡୁ, ତେଲଙ୍ଗାନା ଏବଂ ଆନ୍ଧ୍ରପ୍ରଦେଶର ୧୧ଟି ସ୍ଥାନରେ ଏନ୍.ଆଇ.ଏ. ଦଳ ତଦନ୍ତ କରିଛି । ଏହି ମାମଲାରେ ୧୧ ଜଣ ସନ୍ଦିଗ୍ଧଙ୍କ ସମ୍ପୃକ୍ତି ନେଇ ମଧ୍ୟ ତଥ୍ୟ ପ୍ରମାଣ ସଂଗ୍ରହ କରାଯାଉଛି । ଏଜେନ୍ସି କହିଛି, ତଦନ୍ତରେ ବହୁ ଦସ୍ତାବିଜ୍ ଜବତ ହୋଇଛି ଏବଂ ସେଗୁଡ଼ିକର ଯାଞ୍ଚ ଚାଲିଛି । ଏହି ମାମଲାରେ ଏ ପର୍ଯ୍ୟନ୍ତ ସମ୍ପୃକ୍ତି ଅଭିଯୋଗରେ ଦୁଇ ଜଣଙ୍କୁ ଗିରଫ୍ କରାଯାଇଛି ।

ସୂଚନା ଯୋଗ୍ୟ କର୍ଣ୍ଣାଟକ ବେଙ୍ଗାଲୁରୁ ସ୍ଥିତ ବ୍ରୁକ୍‌ଫିଲ୍ଡ ଠାରେ ଥିବା ରାମେଶ୍ୱରମ୍ କାଫେରେ ଗତ ମାର୍ଚ୍ଚ ମାସରେ ଆଇ.ଡି. ବିସ୍ଫୋରଣ ଯୋଗୁଁ ଅନେକ ଗ୍ରାହକ ଏବଂ କାଫେର କର୍ମଚାରୀ ଆହତ ହୋଇଥିଲେ ।

## ରୁଷ-ଏକ୍ସରସାଇଜ୍

ୟୁକ୍ରେନ୍ ସୀମା ନିକଟରେ ରୁଷିଆ ସେନା ପରମାଣୁ ଶକ୍ତି ସମ୍ପନ୍ନ ଅସ୍ତ୍ରଶସ୍ତ୍ରକୁ ନେଇ ପ୍ରଥମ ପର୍ଯ୍ୟାୟ ଯୁଦ୍ଧାଭ୍ୟାସ ଆରମ୍ଭ କରିଛି । ମସ୍କୋ ଏକ ବିବୃତିରେ କହିଛି, ପାଶ୍ଚାତ୍ୟ ବିପଦ ଜବାବ ଦେବା ପାଇଁ ରୁଷ ନିଜର ପ୍ରସ୍ତୁତି ଆରମ୍ଭ କରିଛି । ଏହି ଅଭ୍ୟାସ ୟୁକ୍ରେନ୍ ସୀମାବର୍ତ୍ତୀ ଦକ୍ଷିଣ ସାମରିକ ଜିଲ୍ଲାରେ ଚାଲିଛି । ରୁଷ ମନ୍ତ୍ରଣାଳୟ ଆହୁରି କହିଛି, ଏହି ପର୍ଯ୍ୟା ଅଭ୍ୟାସରେ ପରମାଣୁ କ୍ଷମତା ସମ୍ପନ୍ନ ଇସ୍କାଣ୍ଡର୍ ଏବଂ କିଞ୍ଜାଲ୍ କ୍ଷେପଣାସ୍ତ୍ରକୁ ଅନ୍ତର୍ଭୁକ୍ତ କରାଯାଇଛି । ୟୁକ୍ରେନ୍‌ରେ ରୁଷ ବିରୁଦ୍ଧରେ ଲଢ଼ିବା ପାଇଁ ନାଟୋ ସୈନ ପଠାଇବାର

ସମ୍ଭାବନାର ଜବାବରେ ଏହି ସମରାଭ୍ୟାସ କରାଯାଉଛି ବୋଲି ରୁଷ ମନ୍ତ୍ରଣାଳୟ କହିଛି ।

## ଟିଚର୍ସ ଆୱାର୍ଡ

ଜାତୀୟ ଶିକ୍ଷକ ପୁରସ୍କାର ୨୦୨୪ ପାଇଁ ଆବେଦନ ପତ୍ର ଆହ୍ୱାନ କରାଯାଇଛି । କେନ୍ଦ୍ର ଉଚ୍ଚଶିକ୍ଷା ସଚିବ ସଞ୍ଜୟ ମୂର୍ତ୍ତି ଗତକାଲି ଏହି ପୋର୍ଟାଲ୍‌କୁ ଉନ୍ମୋଚନ କରିଛନ୍ତି । ବୈଷୟିକ ଓ ଅଣବୈଷୟିକ ଉଚ୍ଚ ଶିକ୍ଷାନୁଷ୍ଠାନ ଏବଂ ପଲିଟେକ୍ନିକ୍ ଅନୁଷ୍ଠାନର ଶିକ୍ଷକମାନଙ୍କୁ ଏଥିରେ ସାମିଲ କରାଯାଇଛି । ଆସନ୍ତା ସେପ୍ଟେମ୍ବର ୫ ତାରିଖରେ ପୂର୍ବତନ ରାଷ୍ଟ୍ରପତି ଡକ୍ଟର ସର୍ବପଲ୍ଲୀ ରାଧାକ୍ରିଷ୍ଣନ୍‌ଙ୍କ ଜୟନ୍ତୀ ତଥା ଶିକ୍ଷକ ଦିବସ ପାଳନ ଅବସରରେ ଏହି ପୁରସ୍କାର ପ୍ରଦାନ କରାଯିବ । ଶିକ୍ଷା ମନ୍ତ୍ରଣାଳୟ କହିଛି, ଅଣ-ସ୍ନାତକୋତ୍ତର ଏବଂ ସ୍ନାତକୋତ୍ତର ସ୍ତରରେ ଅତି କମ୍‌ରେ ୫ ବର୍ଷର ପୂର୍ଣ୍ଣକାଳୀନ ଶିକ୍ଷାଗତ ଅଭିଜ୍ଞତା ଥିବା ଶିକ୍ଷକ ଏହି ପୁରସ୍କାର ପାଇଁ ଆବେଦନ କରିପାରିବେ । ଆସନ୍ତା ମାସ ୨୦ ତାରିଖ ଆବେଦନପତ୍ର ଦାଖଲ କରିବାର ଶେଷ ତାରିଖ ଧାର୍ଯ୍ୟ ହୋଇଛି ।

# ଆଇପିଏଲ୍

କୋଲକାତା ନାଇଟ୍ ରାଇଡର୍ସ୍ ଆଇପିଏଲ୍‌ର ଚଳିତ ସିଜିନ୍‌ର ଫାଇନାଲ୍ ପର୍ଯ୍ୟାୟକୁ ଉନ୍ନିତ ହୋଇଛି । ଗତ ସନ୍ଧ୍ୟାରେ ହାଇଦ୍ରାବାଦ ଠାରେ ଅନୁଷ୍ଠିତ ପ୍ରଥମ କ୍ୱାଲିଫାୟର୍ ମ୍ୟାଚ୍‌ରେ କୋଲକାତା ସନ୍‌ରାଇଜର୍ସ୍ ହାଇଦ୍ରାବାଦ୍‌କୁ ୮ ୱିକେଟ୍‌ରେ ପରାସ୍ତ କରିଛି । ହାଇଦ୍ରାବାଦ୍ ଟସ୍ ଜିତି ବ୍ୟାଟିଂ କରିବାକୁ ନିଷ୍ପତ୍ତି ନେଇଥିଲା । ୧୯ ଓଭର ୩ଟି ବଲ୍‌ରେ ସମସ୍ତ ୱିକେଟ୍ ହରାଇ ୧୫୯ରନ୍ ସଂଗ୍ରହ କରିଥିଲା । କୋଲକାତା ପକ୍ଷରୁ ମିଚେଲ୍ ଷ୍ଟାର୍କ୍ ତିନୋଟି ୱିକେଟ୍ ହାସଲ କରିଥିଲେ ।

୨ ୱିକେଟ୍ ବିନିମୟରେ କୋଲକାତା ୧୬୦ରନ୍‌ର ବିଜୟଲକ୍ଷ୍ୟକୁ ହାସଲ କରିପାରିଥିଲା । ଦଳ ପକ୍ଷରୁ ଭେଙ୍କଟେସ୍ ଆୟର୍ ଏବଂ ଶ୍ରେୟସ୍ ଆୟର୍ ତୃତୀୟ ୱିକେଟ୍ ପାଇଁ ୪୪ଟି ବଲ୍‌ରୁ ୯୭ରନ୍ ସଂଗ୍ରହ କରି ଦଳର ବିଜୟକୁ ନିଶ୍ଚିତ କରିଥିଲେ । ମିଚେଲ୍ ଷ୍ଟାର୍କ୍ ପ୍ଲେୟାର୍ ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଥିଲେ ।

ଆଜି ରାଜସ୍ଥାନ ରୟାଲ୍ସ୍ ଏବଂ ରୟାଲ୍ ଚାଲେଞ୍ଜର୍ସ ବେଙ୍ଗାଲୁରୁ ମଧ୍ୟରେ ପ୍ରଥମ ଏଲିମିନେଟର୍ ମ୍ୟାଚ୍ ଅହମ୍ମଦାବାଦ ଠାରେ ଖେଳାଯିବ । ଏହି ମ୍ୟାଚ୍‌ର ବିଜେତା ଆସନ୍ତା ଶୁକ୍ରବାର ଅନୁଷ୍ଠିତ ହେବାକୁ ଥିବା ଦ୍ୱିତୀୟ କ୍ୱାଲିଫାୟର୍

ମ୍ୟାଚ୍‌ରେ ସନ୍‌ରାଇଜର୍ସ ହାଇଦ୍ରାବାଦ୍‌କୁ ଭେଟିବ । ରବିବାର ଦିନ ଫାଇନାଲ୍ ମ୍ୟାଚ୍ ଖେଳାଯିବ ।

## ଆଇଏମ୍‌ଡି

ପଞ୍ଜାବ, ହରିଆଣା, ଚଣ୍ଡିଗଡ଼, ଦିଲ୍ଲୀ, ଉତ୍ତରପ୍ରଦେଶ, ରାଜସ୍ଥାନ ଏବଂ ମଧ୍ୟପ୍ରଦେଶରେ ଆସନ୍ତା ୨୫ ତାରିଖ ପର୍ଯ୍ୟନ୍ତ ପ୍ରବଳ ଗରମ ଅନୁଭୂତ ହେବ ବୋଲି ଭାରତୀୟ ପାଣିପାଗ ବିଭାଗ ଅନୁମାନ କରିଛି । ବିଭାଗ କହିଛି, ଦକ୍ଷିଣ ପଶ୍ଚିମ ମୌସୁମୀ ମାଲଦୀପ୍‌ର କେତେକ ଅଞ୍ଚଳ, ଦକ୍ଷିଣପୂର୍ବ ଆରବ ସାଗର, ଦକ୍ଷିଣ ବଙ୍ଗୋପସାଗର, ଆଣ୍ଡା ଏବଂ ନିକୋବର ଦ୍ୱୀପପୁଞ୍ଜ ଅଞ୍ଚଳରେ ଅଧିକ ପ୍ରଭାବ ସୃଷ୍ଟି କରିବା ଲାଗି କ୍ଷେତ୍ର ପ୍ରସ୍ତୁତ ହୋଇଛି । ଏହାର ପ୍ରଭାବରେ ଆସନ୍ତା ଶୁକ୍ରବାର ପର୍ଯ୍ୟନ୍ତ ଦେଶର ଦକ୍ଷିଣାଞ୍ଚଳରେ ପ୍ରବଳ ବର୍ଷା ହେବା ସହ କେରଳରେ ଅତି ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି । ଆସନ୍ତା ୨ରୁ ୩ ଦିନ ପର୍ଯ୍ୟନ୍ତ କେରଳ, ତାମିଲନାଡୁ, ପୁଡୁଚେରୀ, ମାହେ, କରାଇକାଲ ଏବଂ କର୍ଣ୍ଣାଟକର କେତେକ ଅଞ୍ଚଳରେ ଅତି ପ୍ରବଳ ବର୍ଷା ହୋଇପାରେ ବୋଲି ପାଣିପାଗ ବିଭାଗ କହିଛି । ଦେଶର କେନ୍ଦ୍ରୀୟ ଏବଂ ଉତ୍ତର-ପଶ୍ଚିମ ଅଞ୍ଚଳରେ ତାପମାତ୍ରା ୨ରୁ ୩ ଡିଗ୍ରୀ ପର୍ଯ୍ୟନ୍ତ ବୃଦ୍ଧି ପାଇପାରେ ବୋଲି ବିଭାଗ କହିଛି ।

# ଓଡ଼ିଶା-ପାଣିପାଗ

ଦକ୍ଷିଣ ବଙ୍ଗୋପସାଗରରେ ସୃଷ୍ଟି ହୋଇଥିବା ଘୂର୍ଣ୍ଣିବଳୟ ଆଜି ସନ୍ଧ୍ୟା ସୁଦ୍ଧା ଲଘୁଚାପରେ ପରିଣତ ହେବ ଏବଂ ୨୪ ତାରିଖରେ ଏହା ଗଭୀର ଅବପାତରେ ପରିଣତ ହୋଇ ଉତ୍ତର ଓଡ଼ିଶାର ବିଭିନ୍ନ ସ୍ଥାନରେ ପ୍ରବଳ ବର୍ଷା କରାଇବ ବୋଲି ଭାରତୀୟ ପାଣପାଗ ବିଭାଗ ଅନୁମାନ କରିଛି । ଏହି ସମୟ ମଧ୍ୟରେ ଘଣ୍ଟା ପ୍ରତି ୬୦ରୁ ୭୦ କିଲୋମିଟର ବେଗରେ ପବନ ବୋହିବାର ଆଶଙ୍କା ଥିବାରୁ ଆସନ୍ତା ୨୫ ତାରିଖ ଯାଏଁ ସମୁଦ୍ର ମଧ୍ୟକୁ ଯିବାକୁ ମତ୍ସ୍ୟଜୀବୀମାନଙ୍କୁ ବାରଣ କରାଯାଇଛି ।